# ଓଡିଶା ଆଦର୍ଶ ବିଦ୍ୟାଳୟ ସଂଗଠନ

ନ-୧/୯,ନୟାପଲ୍ଲୀ,ପୋ:ସୈନିକ ସ୍କୁଲ,ଭୁବନେଶ୍ୱର–୭୫୧୦୦୫
ଫୋନ ନ.୦୬୭୪-୨୩୦୧୩୨୪, oavsbbsr.od@gov.in

## ବିଜ୍ଞାପନ

ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଇଂରାଜୀ ମାଧ୍ୟମ) ମାନଙ୍କରେ ୨୦୧୯-୨୦ ଶିକ୍ଷାବର୍ଷ ପାଇଁ ୨୧୪ ଗୋଟି ଆଦର୍ଶ ବିଦ୍ୟାଳୟ ମାନଙ୍କରେ କେବଳ ଷଷ୍ଠ ଶ୍ରେଣୀ ପାଇଁ ସିଧାସଳଖ ନାମ ଲେଖାଇବା ନିମିତ୍ତ ପ୍ରବେଶିକା ପରୀକ୍ଷା ପାଇଁ ସରକାରୀ/CoR ପାଇଥିବା ଓଡିଆ ମାଧ୍ୟମ ଓ ଇଂରାଜୀ ମାଧ୍ୟମ ବେସରକାରୀ ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀ ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ପ୍ରବେଶିକା ପରୀକ୍ଷାରେ ସଫଳତା ଭିତ୍ତିରେ ପ୍ରତ୍ୟେକ ବିଦ୍ୟାଳୟର ପ୍ରତ୍ୟେକ ଶ୍ରେଣୀରେ ଶତକଡା ୫୦ ଭାଗ ଛାତ୍ରୀଙ୍କୁ ଗ୍ରହଣ କରାଯିବ । ଏହି ପରୀକ୍ଷା ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କର ଉତ୍କର୍ଷତା ଯୋଗ୍ୟତା ଭିତ୍ତିରେ ଦିବ୍ୟାଧାୟୀ (Day Scholar) ଭାବରେ ଛାତ୍ରୀଛାତ୍ରୀମାନେ ଏହି ବିଦ୍ୟାଳୟରେ ଅଧ୍ୟୟନ କରିବେ । କେଉଁ କେଉଁ ବିଦ୍ୟାଳୟରେ ହଷ୍ଟେଲ ଖୋଲାଯିବ ଓ କେତେ ସଂଖ୍ୟାର ଛାତ୍ରଛାତ୍ରୀ ଗ୍ରହଣ କରାଯିବ ତାହା ପରବର୍ତ୍ତୀ ସମୟରେ ଆଦର୍ଶ ବିଦ୍ୟାଳୟ ଗୁଡିକୁ ସୂଚାଇ ଦିଆଯିବ । ଖୋଲାଯାଇଥିବା ଆଦର୍ଶ ବିଦ୍ୟାଳୟ ମାନଙ୍କରେ ନାମଲେଖାଇବା ପାଇଁ ବ୍ଲକକୁ ଏକ ୟୁନିଟ ଭାବେ ଗ୍ରହଣ କରାଯାଇଛି । ଇଚ୍ଛୁକ ଛାତ୍ରଛାତ୍ରୀମାନେ ନିଜ ବ୍ଲକରେ ଥିବା ଆଦର୍ଶ ବିଦ୍ୟାଳୟରେ ନାମଲେଖାଇବାପାଇଁ ଆବେଦନ କରିପାରିବେ ଏବଂ ଯେଉଁ ବ୍ଲକ ମାନଙ୍କରେ ଆଦର୍ଶ ବିଦ୍ୟାଳୟ ଅଦ୍ୟାବଧି ସ୍ଥାପନ କରାଯାଇପାରି ନାହିଁ, ସେହି ବ୍ଲକର ଇଚ୍ଛୁକ ଛାତ୍ରଛାତ୍ରୀମାନେ ଅନ୍ୟ ବ୍ଲକରେ ଥିବା ଅନ୍ୟ କୌଣସି ଗୋଟିଏ ଆଦର୍ଶ ବିଦ୍ୟାଳୟରେ ନାମ ଲେଖା ପାଇଁ ଆବେଦନ କରିପାରିବେ । ଉକ୍ତ ପ୍ରବେଶିକା ପରୀକ୍ଷା ପାଇଁ କୌଣସି ଫିସ ଦେବାକୁ ପଡିବ ନାହିଁ । ଦରଖାସ୍ତ ଗ୍ରହଣ କରାଯିବାର ଶେଷ ତାରିଖ ୧୫.୦୩.୨୦୧୯ । ଆଗ୍ରହୀ ଛାତ୍ରୀଛାତ୍ରୀମାନେ ନିର୍ଦ୍ଧାରିତ ଫର୍ମରେ( ଯାହା ୱେବ ସାଇଟରେ ଉପଲବ୍ଧ) ଦରଖାସ୍ତ ପୁରଣ କରି ସମ୍ପୃକ୍ତ ବିଦ୍ୟାଳୟର ଅଧ୍ୟକ୍ଷ ନିକଟରେ ଦାଖଲ କରିବେ । ନିର୍ଦ୍ଧାରିତ ତାରିଖପରେ ମିଳିଥିବା ଦରଖାସ୍ତକୁ ବିଚାରକୁ ନିଆଯିବନାହିଁ । ଉକ୍ତ ପ୍ରବେଶିକା ପରୀକ୍ଷା, ତା.୨୪.୦୩.୨୦୧୯ ରିଖରେ ବ୍ଲକରେ ଉଦ୍ଦିଷ୍ଟ କେନ୍ଦ୍ରରେ ଅନୁଷ୍ଠିତ ହେବ । ଏତଦ ବ୍ୟତୀତ କେବଳ ନବମ ଶ୍ରେଣୀରେ ଖାଲିଥିବା ସ୍ଥାନ ମାନଙ୍କରେ(category wise)ପାର୍ଶ୍ୱିକ ପ୍ରବେଶ(lateral entry)ର ମଧ ବ୍ୟବସ୍ଥା ରହିଛି। ଏହି ପାର୍ଶ୍ୱିକ ପ୍ରବେଶ ବା lateral

entry ପାଇଁ ସେହି ବିଦ୍ୟାଳୟର ଅଧ୍ୟକ୍ଷଙ୍କ ସହ ଯୋଗଯୋଗ କରି ଦରଖାସ୍ତ ର ନମୁନା ପାଇପାରିବେ।

ଉକ୍ତ ପ୍ରବେଶିକା ପରୀକ୍ଷା ସଂକ୍ରାନ୍ତୀୟ ସମସ୍ତ ନିୟମାବଳୀ www.oavs.in ରୁ ମିଳିପାରିବ । ଛାତ୍ରଛାତ୍ରୀମାନେ ଯେଉଁ ବ୍ଲକର ଯେଉଁ ବିଦ୍ୟାଳୟରେ ପଢ଼ିବାକୁ ଇଚ୍ଛୁକ ନିର୍ଦ୍ଧିଷ୍ଟ ଭାବରେ ଦରଖାସ୍ତରେ ସୂଚନା ଦେବେ । ବିଭିନ୍ନ ବିଭାଗରେ ସଂରକ୍ଷଣ ଚାହୁଁଥିବା ଛାତ୍ରଛାତ୍ରୀମାନେ ନିର୍ଦ୍ଧିଷ୍ଟ ପ୍ରମାଣ ପତ୍ର ସହ ଆବେଦନ କରିପାରିବେ । ଚଳିତ ବର୍ଷ ବ୍ଲକମାନଙ୍କରେ ଖୋଲିବାକୁ ଯାଉଥିବା ବିଦ୍ୟାଳୟର ତାଲିକା ୱେବସାଇଟ ରେ ଉପଲବ୍ଧ ଅଟେ ।ଏଥିସହିତ ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କ ଅବଗତି ନିମନ୍ତେ ଦର୍ଶାଇ ଦିଆଯାଉଛି ଯେ ବର୍ତ୍ତମାନ ପାଇଁ ରାଜ୍ୟର ଅଳ୍ପ କେତୋଟି ଆଦର୍ଶ ବିଦ୍ୟାଳୟରେ ବାଳିକା ମାନଙ୍କ ପାଇଁ ବିଦ୍ୟାଳୟରେ ଆବାସିକ ବ୍ୟବସ୍ଥା କରାଯାଇଅଛି। କିନ୍ତୁ କୌଣସି ଛାତ୍ରଛାତ୍ରୀମାନଙ୍କପାଇଁ ବିଦ୍ୟାଳୟକୁ ଯିବାଆସିବା ନିମନ୍ତେ ଯାନବାହନର ବ୍ୟବସ୍ଥା କରାଯାଇନାହିଁ । ନାମଲେଖାଇବା ପରେ ଛାତ୍ରଛାତ୍ରୀମାନେ ନିଜ ସୁବିଧାରେ ରହିବେ ଏବଂ ବିଦ୍ୟାଳୟକୁ ଯିବାଆସିବା କରିବେ।

ସ୍ୱାକ୍ଷର

ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ